# NATIONAL NEWS BULLETIN (ODIA)

**9 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପରୀକ୍ଷା ପେ ଚର୍ଚ୍ଚାର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ

- ଗୃହକାର୍ଯ୍ୟରେ କଂଗ୍ରେସ ଦଳ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଅଭିଯୋଗ

ଏବଂ

- ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ରେ ସ୍କଟ୍‌ଲ୍ୟାଣ୍ଡ ଓ ଇଟାଲୀ ମଧ୍ୟରେ ଆଜିର ପ୍ରଥମ ମ୍ୟାଚ୍ ଜାରି

---

# ପିଏମ୍-ପିପିସି

ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣର ଆଜି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଛନ୍ତି । ଜାରି କରାଯାଇଥିବା ଦ୍ୱିତୀୟ ପର୍ଯ୍ୟାୟର ଭିଡ଼ିଓରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାପମୁକ୍ତ ପରୀକ୍ଷା ସଂପର୍କରେ ପରାମର୍ଶ

ଦେଇଛନ୍ତି । ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ କ୍ଷୁଦ୍ର ଷ୍ଟାର୍ଟଅପ୍‌ରୁ ସେମାନଙ୍କ ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ଲାଗି କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଛୋଟଛୋଟ ଯୋଜନାଗୁଡ଼ିକ ବୃହତ ପ୍ରକଳ୍ପରେ ପରିଣତ ହେବାର ସମ୍ଭାବନା ରହିଥାଏ । ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପବୃତ୍ତିଗତଙ୍କ ଠାରୁ ଏ ସଂପର୍କରେ ଜ୍ଞାନ ଆହରଣ କରି କାର୍ଯ୍ୟରେ ପରିଣତ କରିବା ଲାଗି ମଧ୍ୟ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ପାଠପଢ଼ା ଓ ଆକାଂକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଆମ ଜୀବନରେ ମୂଲ୍ୟ ବହନ କରେ । ତେଣୁ ସେ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଅତ୍ୟନ୍ତ ଜରୁରୀ । ସେ କହିଛନ୍ତି, ଛାତ୍ରଛାତ୍ରୀମାନେ ଯେଉଁ କଳାରେ ନିପୁଣ ଓ ଅଭ୍ୟାସ ସହ ସଂପର୍କିତ, ତାହା ସେମାନଙ୍କ ଚାପ ଦୂର କରିପାରିବ ।

ପରୀକ୍ଷା ପେ ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଦାୟିତ୍ୱ ଓ ଏହା ସଂପର୍କିତ ଅନୁଶାସନ ଗୁଡ଼ିକୁ ଅନୁସରଣ କରିବା ଲାଗି କହିଛନ୍ତି । ରାସ୍ତାରେ ଛେପ ନ ପକାଇବା, ଟ୍ରାଫିକ୍ ସିଗ୍ନାଲ୍‌କୁ ମାନିବା, ଖାଦ୍ୟପଦାର୍ଥ ନଷ୍ଟ ନ କରିବା ଭଳି କେତେକ ନିୟମ ପାଳନ କରିପାରିଲେ ତାହା ନିଜର ଦୈନନ୍ଦିନ ବ୍ୟବହାରକୁ ସକାରାତ୍ମକ ଦିଗରେ ପ୍ରଭାବିତ କରିବା ସହ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ନାଗରିକଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଛୋଟଛୋଟ ପଦକ୍ଷେପ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ସହାୟକ ହେବ ।

ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା ନବମ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ତାମିଲନାଡୁର କୋଏମ୍ବାଟୁର, ଛତିଶଗଡ଼ର ରାୟପୁର, ଗୁଜରାଟ ଦେବମୁଗ୍ରା ଏବଂ ଆସାମର ଗୁଆହାଟୀରେ ପରୀକ୍ଷା ଯୋଦ୍ଧାଙ୍କ ସହ ଭାବ ବିନିମୟ କରିଥିଲେ । ସଂସ୍କରଣ ପ୍ରଥମ ପର୍ଯ୍ୟାୟ ଗତ ୬ ତାରିଖରେ ପ୍ରସାରିତ ହୋଇଥିଲା। ଏହି ଲୋକପ୍ରିୟ ବାର୍ଷିକ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହେବା ସହ ଚଳିତ ସଂସ୍କରଣ ନିମନ୍ତେ ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ସାଢ଼େ୪କୋଟିରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଛନ୍ତି ।

## ଲୋକସଭା-ଆଡ୍‌ଜର୍ଣ୍ଣ

ବିରୋଧୀଦଳ ସଦସ୍ୟଙ୍କ କ୍ରମାଗତ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ଆଜି ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହ ସମ୍ମିଳିତ ହେବା ପରେ ବିଭାଗୀୟ ମନ୍ତ୍ରୀ ତଥ୍ୟ ଉପସ୍ଥାପନ କରିଥିଲେ । ପୀଠାସୀନ ଅଧିକାରୀ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ପାଇଁ ଆଲୋଚନା ଆରମ୍ଭ କରିବା ନିମନ୍ତେ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ଦଳ ସଦସ୍ୟମାନେ ପ୍ରତିବାଦ ଜାରି ରଖିଥିଲେ । ପୀଠାସୀନ ଅଧିକାରୀ କହିଥିଲେ,କଂଗ୍ରେସ ସାଂସଦ ଶଶି ଥରୁର୍ କେନ୍ଦ୍ରୀୟ ବଜେଟ୍ ଉପରେ କହିବା ଲାଗି ନାମ ତାଲିକାଭୁକ୍ତ ହୋଇଛି। କିନ୍ତୁ କଂଗ୍ରେସ ସଦସ୍ୟମାନେ ବିରୋଧୀ ଦଳ ନେତା କହିବେ ବୋଲି ଅଭିଯୋଗ କରିଥିଲେ । ପୀଠାସୀନ ଅଧିକାରୀ କହିଥିଲେ, ଯଦି ରାହୁଲ ଗାନ୍ଧୀ ବଜେଟ୍ ଉପରେ କହିବାକୁ ଚାହିଁବେ ତେବେ ସେ ଅନୁମତି ପ୍ରଦାନ କରିବେ । ବାଦପ୍ରତିବାଦ ଲାଗି ରହିବାରୁ ପୀଠାସୀନ ଅଧିକାରୀ

ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ହଟ୍ଟଗୋଳ ମଧ୍ୟରେ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ଆରମ୍ଭ ହୋଇପାରି ନଥିଲା । ଚଳିତମାସ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ବଜେଟ୍ ଆଗତ କରିଥିଲେ ।

ପୂର୍ବରୁ ଆଜି ଲୋକସଭାର ଅଧିବେଶନ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍ ୨୦୨୬ରେ ବିଜୟ ହାସଲ ଲାଗି ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଥିଲେ । ପରେ ଶ୍ରୀ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଉଦ୍ୟମ କରିଥିଲେ ମଧ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗୁ ଆସି ସ୍ଲୋଗାନ ଦେଇଥିଲେ । ନିଜ ନିଜ ଆସନକୁ ଫେରିଯାଇ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି ବାଚସ୍ପତିଙ୍କ ଅନୁରୋଧର କୌଣସି ପ୍ରଭାବ ପଡ଼ିନଥିଲ । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ  ମୁଲତବୀ ଘୋଷଣା କରିଥିଲେ ।

**V/O (Birla)**

---

# ରିଜିଜୁ-ଲୋକସଭା

ଲୋକସଭାର  କାର୍ଯ୍ୟକଳାପରେ କଂଗ୍ରେସ ଦଳ ପ୍ରତିବନ୍ଧକ ସୃଷ୍ଟି କରୁଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଅଭିଯୋଗ କରିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ରିଜିଜୁ କହିଛନ୍ତି, କଂଗ୍ରେସ ସଦସ୍ୟମାନଙ୍କ ଅନୁଶାସନହୀନ ବ୍ୟବହାର ଯୋଗୁଁ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା

ହୋଇପାରିଲା ନାହିଁ । ସେ କହିଛନ୍ତି, ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ଲାଗି ସଂସଦରେ ଉପସ୍ଥାପନ କରିବାକୁ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସାଂସଦମାନଙ୍କ ତାଲିକା ପ୍ରଦାନ କରାଯାଇଛ । ସେ କହିଛନ୍ତି, ଯଦି ସଂପୃକ୍ତ ସଦସ୍ୟମାନେ ଉପସ୍ଥାପନ ପାଇଁ ସୁଯୋଗ ନ ପାଆନ୍ତି, ଏଥିପାଇଁ କଂଗ୍ରେସ ଦଳ ଦାୟୀ ରହିବ ।

**V/O (Rijiju )**

---

# ସିସେଲ୍ସ୍ ପ୍ରେଜ୍-ଗାନ୍ଧୀ

ଭାରତ ଗସ୍ତରେ ଆସିଥିବା ସେସେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନି ଆଜି ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ଆଜି ମଧ୍ୟ ଭାରତ-ସେସେଲ୍ସ ସଂପର୍କକୁ ଅନୁପ୍ରାଣିତ କରୁଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଖେଳ ନିଶା : ଯୁବବର୍ଗଙ୍କ ପାଇଁ ବୃଦ୍ଧି ପାଉଥିବା ବିପଦ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାଇବର ସୁରକ୍ଷା ବିଶେଷଜ୍ଞ ପବନ ଦୁଗଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ

ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ବାଂଲାଦେଶ ପୋଲ୍‌ସ

ବାଂଲାଦେଶରେ ସାଧାରଣ ନିର୍ବାଚନକୁ ଅଳ୍ପଦିନ ବାକି ଥିବା ବେଳେ ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ଅନେକ ଗୁଡ଼ିଏ ଉଚ୍ଚମୂଲ୍ୟଯୁକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମତି ଦେଇଥିବାରୁ ଅର୍ଥନୀତିଜ୍ଞମାନେ ତାଙ୍କୁ ସମାଲୋଚନା କରିଛନ୍ତି । ଏଭଳି ହେଲେ ପରବର୍ତ୍ତୀ ନିର୍ବାଚିତ ସରକାର ପାଇଁ ଏହା ଅଯଥା ବୋଝ ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି । ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନିକ କାର୍ଯ୍ୟକଳାପ ସୀମିତ ହେବା ପରିବର୍ତ୍ତେ ମଧ୍ୟବର୍ତ୍ତୀକାଳୀନ ସରକାର ଅନେକ ଗୁଡ଼ିଏ ନୂଆ ପ୍ରକଳ୍ପକୁ ଅନୁମତି ଦେବା ସହ ଚୀନ୍, ଇଂଲଣ୍ଡ, ଆମେରିକାଠାରୁ ୧୪ଟି ବୋଇଙ୍ଗ୍ ବିମାନ ସମେତ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବା ଲାଗି ଚୁକ୍ତି କରିଛନ୍ତି ।

ଅନ୍ୟପକ୍ଷରେ ସେଠାରେ ୧ ଲକ୍ଷ କୋଟି ଟାକା ସମ୍ବଳିତ ନବମ ଦରମା ହାର ଲାଗୁ କରିବା ଲାଗି ପ୍ରସ୍ତାବ ରହିଛି । ପ୍ରାୟ ୧ ଲକ୍ଷ ୭ ହଜାର କୋଟି ଟାକା ସମ୍ବଳିତ ୬୪ଟି ପ୍ରକଳ୍ପକୁ ଅନୁମତି ଦିଆଯାଇଛି ।

## କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ସ୍କଟ୍‌ଲ୍ୟାଣ୍ଡ ଏବଂ ଇଟାଲୀ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ପ୍ରଥମେ ବ୍ୟାଟିଂ

କରି ସ୍କଟଲ୍ୟାଣ୍ଡ ୨୦ ଓଭର୍‌ରେ ୪ ଓ୍ୱିକେଟ୍ ହରାଇ ୨୦୭ ରନ୍ କରିଥିବା ବେଳେ ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଇଟାଲୀ ୧୨ ଓଭର ସୁଦ୍ଧା ୩ ଓ୍ୱିକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିଛି ।

ଆଜି ଦ୍ୱିତୀୟ ମ୍ୟାଚ୍ କଲମ୍ବୋଠାରେ ଜିମ୍ବାୱେ ଏବଂ ଓମାନ୍ ମଧ୍ୟରେ ଓ ତୃତୀୟ ମ୍ୟାଚ୍ ସନ୍ଧ୍ୟା ୭ଟାରେ ଅହମ୍ମଦାବାଦଠାରେ ଦକ୍ଷିଣ ଆଫ୍ରିକା ଓ କାନାଡା ମଧ୍ୟରେ ଖେଳାଯିବ ।